# ପରୀକ୍ଷା

**ମହାଭାରତ କାହାଣୀ**

ପାଞ୍ଚହଜାର ବର୍ଷ ପୂର୍ବେ କୁରୁକ୍ଷେତ୍ରରେ ଗୋଟିଏ ଭୟଙ୍କର ଯୁଦ୍ଧ ହୋଇଥିଲା । ଏହାକୁ ମହାଭାରତ ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧ ପାଣ୍ଡବ ଓ କୌରବ ସେନା ମଧ୍ୟରେ ହୋଇଥିଲା । ଏଥିରେ ପାଣ୍ଡବମାନେ ଜିଣିଥିଲେ ଏବଂ କୌରବମାନେ ପାଣ୍ଡବଙ୍କ ହାତରେ ନିହତ ହେଲେ ।

ପାଣ୍ଡବମାନେ ଥିଲେ ପାଞ୍ଚ ଭାଇ । ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଆଉ ସହଦେବ । ସେମାନେ ଥିଲେ ବଡ଼ ବୀର । କୌରବମାନେ ଶହେଭାଇ ଥିଲେ । ସେମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ସବୁଠାରୁ ବଡ଼ ।

କୌରବ ଓ ପାଣ୍ଡବମାନଙ୍କର ଗୁରୁ ଥିଲେ ଦ୍ରୋଣାଚାର୍ଯ୍ୟ । ସେ ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିଖାଇଥିଲେ ।

ଦ୍ରୋଣାଚାର୍ଯ୍ୟଙ୍କର ସବୁଠାରୁ ପ୍ରିୟ ଶିଷ୍ୟ ଥିଲେ ଅର୍ଜୁନ । ଶର ଚଳାଇବାରେ ସେ ଥିଲେ ସମସ୍ତଙ୍କଠାରୁ ଦକ୍ଷ । ଦ୍ରୋଣାଚାର୍ଯ୍ୟ ଯାହା ଶିଖାଉଥିଲେ, ସେ ତାହା ସଙ୍ଗେ ସଙ୍ଗେ ଶିଖି ନେଉଥିଲେ ।





ଦିନେ ଗୁରୁ ଦ୍ରୋଣାଚାର୍ଯ୍ୟ କୌରବ ଓ ପାଣ୍ଡବମାନଙ୍କ ଧନୁର୍ବିଦ୍ୟାର ପରୀକ୍ଷା କରୁଥିଲେ । ନିଜର ସମସ୍ତ ଶିଷ୍ୟଙ୍କୁ ସେ ପାଖକୁ ଡାକିଲେ ଏବଂ ଆଗରେ ଏକ ଦୂର ଗଛରେ ବସିଥିବା ପକ୍ଷୀଟିକୁ ଦେଖେଇ କହିଲେ, "ସମ୍ମୁଖ ଗଛରେ ବସିଥିବା ସେହି ପକ୍ଷୀଟିକୁ ଦେଖ । ଶର ଚଳାଇ ସେଇ ପକ୍ଷୀର ଆଖିକୁ ତୁମକୁ ଭେଦ କରିବାକୁ ହେବ ।"

ପ୍ରଥମେ ଗୁରୁ ଦୁର୍ଯ୍ୟୋଧନଙ୍କୁ ପାଖକୁ ଡାକିଲେ । ଗଛ ଆଡକୁ ଅଙ୍ଗୁଳି ଦେଖେଇ ପ୍ରଶ୍ନ କଲେ- "କୁହ- ଏବେ ତୁମେ ସେଠାରେ କ'ଣ ଦେଖିପାରୁଛ ?"

ଦୁର୍ଯ୍ୟୋଧନ କହିଲେ, "ଗୁରୁଦେବ ! ମୋ ଆଗରେ ମୁଁ ଦେଖୁଛି ଏକ ପ୍ରାନ୍ତର । ସେଥିରେ ଏକ ବୃକ୍ଷ । ଆଉ ତା' ପଛକୁ ଦିଶୁଛି ନୀଳ ଆକାଶ ।"

ତା ପରେ ଗୁରୁ ଡାକିଲେ ଭୀମଙ୍କୁ । ସେ କହିଲେ, "ଗୁରୁଦେବ, ମୋତେ ସେହି ସାମ୍ନା ପଡ଼ିଆରେ ଗଛ ଦିଶୁଛି । ତା ଉପରେ ବସିଥିବା ଚଢ଼େଇଟି ବି ଦିଶୁଛି ।"

ତାପରେ ଗୁରୁ ଜଣ ଜଣ କରି ସମସ୍ତଙ୍କୁ ଡାକିଲେ। ସମସ୍ତେ ସେହି ଏକା ପ୍ରକାରେ ଉତ୍ତର ଦେଲେ। କିଏ କହିଲା, ଗଛ ଆଉ ଆକାଶକୁ ଦେଖୁଛି ତ ଆଉ କିଏ କହିଲା, "ମୋ ସାମ୍ନାରେ ଥିବା ସବୁଗୁଡ଼ାକୁ ଦେଖୁଛି।"

ସବା ଶେଷରେ ଗୁରୁ ଡାକିଲେ ଅର୍ଜୁନଙ୍କୁ। ଧନୁ ଶର ଧରି ଅର୍ଜୁନ କହିଲେ, "ଗୁରୁଦେବ! ପକ୍ଷୀଟିର ଆଖିକୁ ଶର ଚଳେଇବି ତ..?"

ଗୁରୁଦେବ କହିଲେ, "ହଁ.. କିନ୍ତୁ ତୁମେ ଏବେ ତୁମ ସମ୍ମୁଖରେ କ'ଣ ଦେଖୁଛ?"

ଅର୍ଜୁନ ଉତ୍ତର ଦେଲେ, "ଗୁରୁଦେବ! ଏବେ ମୋତେ ସେହି ଚଢ଼େଇଟିର ଆଖିଟା ତ କେବଳ ଦେଖାଯାଉଛି। ତା ଛଡ଼ା କିଛି ବି ଦିଶୁନି। ସେଇ ଆଖିକୁ ଶର ଚଳେଇବି ନା?"

ଏହା ଶୁଣି ଗୁରୁ ଖୁସୀ ହୋଇ କହିଲେ, "ହଁ ଅର୍ଜୁନ! ସେହି ଆଖିକୁ ହିଁ ଭେଦ କରିବାକୁ ହେବ। ଯେଉଁ ବ୍ୟକ୍ତି ନିଜର କର୍ତ୍ତବ୍ୟ ସ୍ଥିରକରି ଲକ୍ଷ୍ୟ ଉପରେ ସଂପୂର୍ଣ୍ଣ ଧ୍ୟାନ ଦିଏ, ତାକୁ ସେହି ଲକ୍ଷ୍ୟ ଛଡ଼ା ଆଉ କିଛି ଦେଖାଯାଏ ନାହିଁ। ସେ ହିଁ ପରୀକ୍ଷାରେ ସଫଳ ହୁଏ। ଏବେ ତୀର ଚଳାଅ।"

ଗୁରୁଙ୍କ କହିବା ସଙ୍ଗେ ସଙ୍ଗେ ଅର୍ଜୁନ ତୀର ଚଳେଇ ପକ୍ଷୀଟିର ଆଖିକୁ ଭେଦ କଲେ। ଗୁରୁ ଦ୍ରୋଣାଚାର୍ଯ୍ୟ ପ୍ରିୟ ଶିଷ୍ୟର ପିଠି ଆପୁଡ଼େଇ ସ୍ନେହରେ ଆଉଜେଇ ଆଣିଲେ ନିଜ ଛାତି ଆଡକୁ।